# ଓଡ଼ିଶା ମୁଦ୍ରଣ ସଂଗ୍ରହାଳୟକୁ ଜାତୀୟ ସଂଗ୍ରହାଳୟରେ ରୂପାନ୍ତରିତ କରିବାରେ ସହଯୋଗ ପାଇଁ ନିବେଦନ

ନିକଟରେ ଆୟୋଜିତ ହୋଇଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଗୃହୀତ ପ୍ରସ୍ତାବ ଭିତ୍ତିରେ କଟକ ମଧୁପାଟଣାସ୍ଥିତ ଓଡ଼ିଶା ସରକାରୀ ମୁଦ୍ରଣାଳୟରେ ଥିବା ଓଡ଼ିଶା ମୁଦ୍ରଣ ସଂଗ୍ରହାଳୟକୁ ଏକ ଜାତୀୟ ସ୍ତରର ମାନ୍ୟତା ଦେଇ ଏହାକୁ ନବୀକରଣ ପୂର୍ବକ ଜାତୀୟ ସଂଗ୍ରହାଳୟରେ ରୂପାନ୍ତରିତ ଓ ପରିବର୍ଦ୍ଧିତ କରିବା ପାଇଁ ଓଡ଼ିଶା ସରକାରଙ୍କ ୫-ଟି ପଦକ୍ଷେପରେ ନିଷ୍ପତି ଗ୍ରହଣ କରାଯାଇଛି; ଯେଉଁଥିରେ କି ସାରା ବିଶ୍ୱର ମୁଦ୍ରଣ ଶିଳ୍ପର ଉତ୍ପତ୍ତି ଓ ବିକାଶ ସହିତ ଓଡ଼ିଆ ଭାଷାର ସୁରକ୍ଷା ସମୃଦ୍ଧି ଓ ତା'ର ପ୍ରଚାର ପ୍ରସାରରେ ମୁଦ୍ରଣ ଶିଳ୍ପର ଅବଦାନକୁ ପ୍ରଦର୍ଶିତ କରାଯିବ ।

ଏହି ବିଶ୍ୱସ୍ତରୀୟ ମୁଦ୍ରଣ ସଂଗ୍ରହାଳୟ ତାହାର ସାର୍ବଜନୀନ ରୂପାନ୍ତରିକରଣ କରି ଆଗାମୀ ପିଢି ପାଇଁ ପଥ ପ୍ରଦର୍ଶକ ହେବା ସଙ୍ଗେସଙ୍ଗେ ମୁଦ୍ରଣ ଶିଳ୍ପର ଉତ୍ପତ୍ତି ଓ କ୍ରମବିକାଶକୁ ପ୍ରକଟିତ କରିବା କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହୋଇ ରହିବ । ଓଡ଼ିଆ ଲିପି-ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଓଡ଼ିଶା ମୁଦ୍ରଣ ଶିଳ୍ପର ଭୂମିକାକୁ ମଧ୍ୟ ପ୍ରଦର୍ଶିତ କରିବ ।

ଏ ସମ୍ପର୍କରେ ମୁଦ୍ରଣ ଶିଳ୍ପରେ ନିୟୋଜିତ ସମସ୍ତ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ, ଓଡ଼ିଆ ଭାଷାର ପ୍ରକାଶକ, ସାହିତ୍ୟିକ ଏବଂ ସର୍ବସାଧାରଣଙ୍କୁ ବିନମ୍ର ନିବେଦନ ଯେ ସେମାନେ ଏହି ଜାତୀୟ ପ୍ରକଳ୍ପର ସଫଳ ରୂପାୟନ ନିମନ୍ତେ ସହଯୋଗର ହାତ ବଢାନ୍ତୁ । ଇଚ୍ଛୁକ ବ୍ୟକ୍ତିବିଶେଷ/ସଂଗଠନ/ଅନୁଷ୍ଠାନ ଆଦି ଏହି ମୁଦ୍ରଣ ଶିଳ୍ପରେ ବ୍ୟବହୃତ ପୁରାତନ ମୁଦ୍ରଣ ଯନ୍ତ୍ରପାତି, ଓଡ଼ିଆ ଭାଷା ସାହିତ୍ୟର ବିକାଶ ସମ୍ବନ୍ଧୀୟ ଗ୍ରନ୍ଥ/ଗ୍ରନ୍ଥାବଳି/ଦୁର୍ଷ୍ପାପ୍ୟ ପୋଥି/ଅଭିଲେଖ/ତମ୍ବାପଟା/ ପ୍ରାମାଣିକ ଦଲିଲ୍ ଆଦି ଯୋଗାଇ ଦେଇ ଏଭଳି ଜାତୀୟ ପ୍ରକଳ୍ପରେ ଭାଗୀଦାର ହେବାପାଇଁ ଅନୁରୋଧ । ଆପଣମାନଙ୍କ ଆନ୍ତରିକ ସାହାଯ୍ୟ ସହଯୋଗ ଆମକୁ ଏହି ଗୌରବମୟ ଐତିହାସିକ ପ୍ରକଳ୍ପର ପୂର୍ଣାଙ୍ଗ ରୂପାୟନ ନିମନ୍ତେ ସାହାଯ୍ୟ କରିବ ।

ଇଚ୍ଛୁକ ବ୍ୟକ୍ତିବିଶେଷ/ଜନସାଧାରଣ/ସଂଗଠନ ଆମକୁ ନିମ୍ନଲିଖିତ ଇମେଲ୍ ମାଧ୍ୟମରେ ଯୋଗାଯୋଗ କରିପାରିବେ ।

- ଇମେଲ୍ - directoratepsp@gmail.com

ନିର୍ଦ୍ଦେଶକ ୦୨/୦୩/୨୦୨୪

ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ,
ଓଡ଼ିଶା, କଟକ

**An Appeal to participate in the expansion of Odisha Printing Museum, Cuttack to a National Standard Museum.**

Subsequent upon the "**First Biswa Odia Bhasa Sammilani**", Govt. of Odisha under the 5T initiative has decided to upgrade the existing "**Odisha Printing Museum**" to a museum of national standard "**Indian Printing Museum**" showcasing our Printing Culture and to showcase the heritage of Odia Language. This on completion will be the only Printing Museum in India.

We believe, this national standard Printing Museum will be an invaluable resource for preserving and sharing the history and evolution of printing technology, as well as educating future generation on the importance of this industry for popularisation of Odia Language.

In this context, we solicit the kind support of different Stakeholders and other associated agencies, NGOs, Researchers, Odia Publishers, Eminent Persons and general public to extend their co-operation and be a part of the historic expansion project of Odisha Printing Museum, Cuttack which is in its inception.

To that end, we appeal for your support in various forms to bring it to fruition in shape of donation of old and antique printing and allied machineries & equipments, old artifacts, old and Antique Odia Publications, old and antique books on development of Odia Language/ Odisha Printing industry and other materials that can help us to fulfill our objectives. All exhibits selected will be acknowledged.

Your support would be greatly appreciated and would help us to make this vision a reality. We would be happy to discuss any questions you may have about the project and provide more information on how you can contribute. Simply contact us via email directoratepsp@gmail.com with details of your research papers/ideas.

2/3/2024
DIRECTOR
Directorate of Printing, Stationery and Publication,
Odisha, Cuttack